**୨ ଘରୁ ଚୋରି**

ପାଟଣା,(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ବେଗୁନା ଖମଣ ଗାଁରେ ବୁଧବାର ଦୁଇଜଣଙ୍କ ଘରୁ ଚୋରି ହୋଇଛି। ସକାଳ ୯ଟାରେ ଲକ୍ଷ୍ମୀଧର ମହାନ୍ତଙ୍କ ଘର କବାଟ ଓ ଆଲମୀରାକୁ ଦୁର୍ବୃତ୍ତ ଭାଙ୍ଗି ସୁନା ଅଳଙ୍କାର ସହ ନଗଦ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲକ୍ଷ୍ମୀଧର ଏକ ସ୍କୁଲରେ ସିକ୍ୟୁରିଟି ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ତ୍ରୀ ଅଙ୍ଗନୱାଡ଼ି କର୍ମୀ ଭାବେ କାର୍ଯ୍ୟ କରନ୍ତି। ଉଭୟ ଘରେ ତାଲା ଦେଇ କାମକୁ ଗଲା ପରେ ଲୁଟେରା ଘର କବାଟ ଚାବି ଓ ଆଲମୀରା ଭାଙ୍ଗି ଲୁଟି ନେଇଛନ୍ତି। ସେହିପରି ଶ୍ୟାମସୁନ୍ଦର ମହାନ୍ତଙ୍କ ଘରୁ ସୁନାଅଳଙ୍କାର ସହ ନଗଦ ୩୦ ହଜାର ଟଙ୍କା ଲୁଟ୍ ହୋଇଛି।

## ସଂକ୍ଷେପରେ

### ୨ ଫେରାର ମହିଳା ଅଭିଯୁକ୍ତ ଗିରଫ

ପଦ୍ମପୁର, ୧୮।୫ (ଡି.ଏନ.ଏ.): ଭଦ୍ରକ ସଦର ବ୍ଲକ ସାବରଙ୍ଗ ପୋଲିସ ୨ ଫେରାର ମହିଳା ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସାହାଡ଼ା ଗ୍ରାମର ଶାନ୍ତିଲତା ଜେନା ଓ ଇଚ୍ଛାପୁର ଗ୍ରାମର ରଜନୀ ଜେନା। ସେମାନଙ୍କ ନାମରେ ମାମଲା (ନଂ.୧୬୭/୧୦) ଥିଲା।

### ଦ୍ୱାରଶୁଣୀ ଘାଟିରେ ଖସିଲା ଟ୍ରକ୍, ୨ ଗୁରୁତର

ବାଙ୍ଗିରିପୋଷି,୧୮।୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ବୁଧବାର ଏକ ଆଇରନ ପ୍ଲେଟ ବୋଝେଇ ଟ୍ରକ ଘାଟି ତଳକୁ ଓହ୍ଲାଉଥିବା ବେଳେ ୩୦ ଫୁଟ ପାହାଡ଼ ତଳକୁ ଖସି ୨ଜଣ ଗୁରୁତର ହୋଇଛନ୍ତି। ଟ୍ରକ୍‌ରେ ଥିବା ଚାଳକ ଓ ଖଲାସି ଚାପି ହୋଇ ରହିଯାଇଥିଲେ। ବାଙ୍ଗିରିପୋଷି ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଚେଷ୍ଟା ପରେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପରେ ସେମାନଙ୍କୁ ବାରିପଦା ସ୍ଥିତ ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ବାଙ୍ଗିରିପୋଷି ପୋଲିସ ପହଞ୍ଚି ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ସମାଜସେବା ପାଇଁ ସାଗରିକା ପୁରସ୍କୃତ

ହାଟଡିହୀ,୧୮।୫(ଡି.ଏନ.ଏ.): ସର୍ବଭାରତୀୟ ଦୁର୍ନୀତି ନିବାରଣ ସଂସଦୀୟ କମିଟି ନୂଆଦିଲ୍ଲୀ ଆନୁକୂଲ୍ୟରେ ସଂସଦ ସଦନ କ୍ଲବରେ ଆୟୋଜିତ ସମ୍ମାନ ପ୍ରଦାନ ଉତ୍ସବରେ ଜୟଦୁର୍ଗା ଫାଉଣ୍ଡେଶନ ଟ୍ରଷ୍ଟର ଅଧକ୍ଷା ଚଳିତବର୍ଷ ପାଇଁ ମର୍ଯ୍ୟାଦା ଜନକ 'ପ୍ରାଉଡ ଇଣ୍ଡିଆନ ପାର୍ଲାମେଣ୍ଟ ଆୱାର୍ଡ'ରେ ସମ୍ମାନିତ ହୋଇଛନ୍ତି। ସମାଜସେବା ଓ ରାଜ୍ୟରେ ଦୁର୍ନୀତି ନିବାରଣ କ୍ଷେତ୍ରରେ ସାମାଜିକ ସଂସ୍କାରମୂଳକ ପଦକ୍ଷେପ ପାଇଁ ସୁରେଶ୍ୱରୀ ସାଗରିକା ଜେନାଙ୍କୁ ଚଳିତ ବର୍ଷ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ରାମଦାସ ଅଠାବାଲେ, ଏମ୍‌ପି ଡ.ଉମେଶ ଯାଦବ, ଭାରତୀୟ ବାୟୁସେନାର ପୂର୍ବତନ ସୁରକ୍ଷା ଅଧିକାରୀ ତୁଳିକା ରାଣୀ, ସାମାଜିକ ନ୍ୟାୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ମନୀଷ ଶଙ୍କର ରାଓ ଗବାଇଙ୍କ ସମେତ ଦୁର୍ନୀତି ବିଭାଗର ବହୁ ପଦାଧିକାରୀ ମାନେ ଯୋଗ ଦେଇଥିଲେ ।

### ବିଦ୍ୟାଳୟ ପାଚେରି ପାର୍ଶ୍ୱରୁ ଗଳିତ ମୃତଦେହ ଜବତ

ରାଇରଙ୍ଗପୁର, ୧୮।୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ଦୁବୁଲାବେଡ଼ା ଗ୍ରାମ ବିକାଶନଗର ବସ୍ତି ଅଞ୍ଚଳ ସ୍ଥିତ ହେମନାରାୟଣ ଉଚ୍ଚ ବିଦ୍ୟାଳୟ ପାଚେରି ପାର୍ଶ୍ୱ ଘଞ୍ଚ ବୁଦାରୁ ଜଣେ ଅଜଣା ମହିଳାଙ୍କ ଗଳିତ ମୃତଦେହକୁ ବୁଧବାର ପୋଲିସ ଜବତ କରିଛି। ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ପହଞ୍ଚି ତଦନ୍ତ ଜାରି ରଖିଛି। ଉକ୍ତ କ୍ଷତ ବିକ୍ଷତ ମୃତଦେହକୁ ରାଇରଙ୍ଗପୁର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। କେହି ଦୁର୍ବୃତ୍ତ ଉକ୍ତ ମହିଳାଙ୍କୁ ହତ୍ୟା କରି ସେଠାରେ ଫୋପାଡ଼ିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଉକ୍ତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ମହିଳାଙ୍କୁ ଚିହ୍ନଟ ସକାଶେ ଉଦ୍ୟମ ଜାରି ରଖାଯାଇଛି ବୋଲି ପୋଲିସ କହିଛି।

### ଚୋରି ଅଭିଯୋଗରେ ୨ ଗିରଫ

ସୋର, ୧୮।୫(ଡି.ଏନ୍.ଏ.): ସୋର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ପାର୍ଶ୍ୱ ବିନ୍ଦୁ ପେଟ୍ରୋଲ ପମ୍ପ ପରିସରରୁ କିଛି ସାମଗ୍ରୀ ଚୋରି ଘଟଣାରେ ସୋର ପୋଲିସ୍ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପେଟ୍ରୋଲ ପମ୍ପ ପରିସରରେ ଥିବା କିଛି ଲୁହା ରଡ଼, ଟ୍ରାକ୍ଟର ପାର୍ଟସ ସହ ଏକ ପାଣି ପମ୍ପ ଚୋରି ହୋଇଥିବା ପେଟ୍ରୋଲ ପମ୍ପ ପକ୍ଷରୁ ରମାକାନ୍ତ ଶର୍ମା ଗତ ୧୭ ତାରିଖରେ ସୋର ଥାନାରେ ଏକ ଅଭିଯୋଗ କରିଥିଲେ। ଚୋରି ସାମଗ୍ରୀର ମୂଲ୍ୟ ୭୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇ ଶର୍ମା ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗକ୍ରମେ ସୋର ପୋଲିସ ତଦନ୍ତ କରି କମରପୁର ଗ୍ରାମର ତପନ ମହାଳିକ ଓ ମୁଗୁନିପୁର ଗ୍ରାମର ସଞ୍ଜୟ ମଳିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# 'ପଣ୍ଡିତ ରଘୁନାଥଙ୍କ ଅବଦାନ ଅତୁଳନୀୟ'

ବାରିପଦା ଅଫିସ,୧୮।୫


ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

ସାନ୍ତାଳ ସମାଜ, ପରମ୍ପରା, ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅବଦାନ ଅତୁଳନୀୟ। ନିଜ ମାତୃଭାଷା ପାଇଁ ଏକ ସ୍ୱତନ୍ତ୍ର ଲିପିର ଆବଶ୍ୟକତାକୁ ଅନୁଭବ କରି ଅଲଚିକି ଭାଷା ସୃଷ୍ଟି କରି ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ। ଅଗାଢ଼ ପାଣ୍ଡିତ୍ୟ ଓ ଧୈର୍ଯ୍ୟ ଶକ୍ତି ଯୋଗୁ ସେ ୩୦ ଅକ୍ଷର ବିଶିଷ୍ଟ ଅଲଚିକି ଭାଷାର ଉଦ୍ଭାବନ କରିଥିଲେ। ଏହି ଭାଷା ଦ୍ୱାରା ସାନ୍ତାଳୀ ତଥା ଆଦିବାସୀ ସଂସ୍କୃତି ଓ ସାହିତ୍ୟର ଯଥେଷ୍ଟ ବିକାଶ ସାଧିତ ହୋଇପାରିଛି ବୋଲି ମୟୂରଭଞ୍ଜ ଜିଲା ବାରିପଦା ପାଲବଣୀ ଗୁରୁ ଗୋମକେ ମେମୋରିଆଲ କମିଟି ଆନୁକୂଲ୍ୟରେ ମଙ୍ଗଳବାର ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

କମିଟି ସଭାପତି ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାର୍କା, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜକିଶୋର ଦାସ, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ ଓ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବାରିପଦା ପୌର ପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପ୍ରାକ୍ତନ ବିଧାୟକ ଭାଦବ ହାଁସଦା, କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ରାଜ୍ୟ ବିଜେଡି ସମ୍ପାଦକ ଡା. ଦେବାଶିଷ ମାରାଣ୍ଡି, ସୁବ୍ରମଣ୍ୟମ ମହାନ୍ତି, କାଉନସିଲର ଦେବାଶିଷ ପାତ୍ର ପ୍ରମୁଖ ଥିଲେ। ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ନିମନ୍ତେ ପଣ୍ଡିତ ମୁର୍ମୁ ଯେଉଁ କାର୍ଯ୍ୟ କରିଯାଇଛନ୍ତି, ତାହା ତାଙ୍କୁ ସ୍ମରଣୀୟ କରି ରଖିବ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଜିଲାର କୋଣାନୁକୋଣରୁ ଆସିଥିବା ୨୫ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ସମ୍ପ୍ରଦାୟର ଲୋକେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ମହିଳା ପୁରୁଷ ମାଦଳର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ। ବୁଧବାର ସକାଳ ୭ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ବିନା ନିଲାମରେ ପୋଖରୀରୁ ମାଛଧରା

### ଥାନାରେ ଏତଲା ଦେଲେ ସରପଞ୍ଚ

ପଦ୍ମପୁର, ୧୮।୫ (ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ସାହାଡ଼ା ପଞ୍ଚାୟତର ନିଲାମ ହୋଇ ନ ଥିବା ଦୁଇଟି ପୋଖରୀରୁ ଗ୍ରାମର କେତେଜଣ ବ୍ୟକ୍ତି ଜାଲ ଟାଣି ବୁଧବାର ମାଛ ଧରି ନେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମବାସୀ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ବେଳେ ସରପଞ୍ଚ ମାଧବ ମଲ୍ଲିକ ସାବରଙ୍ଗ ଥାନାରେ ଏତଲା ଦେଇଛନ୍ତି। ଏହି ପଞ୍ଚାୟତ ବାସୁଦେବପୁର ମୌଜାର ନାଣ୍ଡିପୋଖରୀ ଓ କାକୁଡ଼ି ପୋଖରୀ ଗତ ୩ବର୍ଷ ଧରି ନିଲାମ ହୋଇନାହିଁ। କେତେଜଣ ବ୍ୟକ୍ତି ଦୁଇ ପୋଖରୀରୁ ଜାଲ ଟାଣି ୬୦ରୁ ୭୦ କୁଇଣ୍ଟାଲ ମାଛ ଧରି ନେଇଛନ୍ତି। ଏହାପରେ ପମ୍ପ ପକାଇ ପୋଖରୀ ଶୁଖାଇଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ଓ ସରପଞ୍ଚ ମିଳିତ ଭାବେ ଏହାକୁ ବିରୋଧ କରି ମାଛଧରା ବନ୍ଦ କରିଛନ୍ତି। ପୋଖରୀ ନିଲାମ ଦିଆଯାଇ ନ ଥିବାବେଳେ କେଉଁ ପରିସ୍ଥିତିରେ କାହା ପ୍ରରୋଚନାରେ ମାଛ ଧରାଯାଇଛି। ଏ ବାବଦରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଠାକୁରମୁଣ୍ଡା ପଞ୍ଚାୟତ ସମିତିର ସାଧାରଣ ବୈଠକ

ଠାକୁରମୁଣ୍ଡା, ୧୮।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ପଞ୍ଚାୟତ ସମିତିର ପ୍ରଥମ ପଞ୍ଚାୟତ ସମିତି ବୈଠକ ବୁଧବାର ରାଜୀବ ଗାନ୍ଧୀ ସେବାକେନ୍ଦ୍ରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସରୋଜିନୀ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ବିଡିଓ ଶ୍ୟାମସୁନ୍ଦର ଟୁଡୁ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ମଡେଇ ଓ ସଭ୍ୟା ପୂର୍ଣ୍ଣିମା ବାଗସିଂ ଯୋଗ ଦେଇଥିଲେ। ୧୮ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସହ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ଶିକ୍ଷା, ପାନୀୟ ଜଳ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଶିଶୁ ବିକାଶ, କୃଷି, ବିଦ୍ୟୁତ୍, ଓଡ଼ିଶା ଜୀବିକା ମିଶନ, ଉନ୍ନୟନ କାର୍ଯ୍ୟ ଆଦି ବିଷୟରେ ଆଲୋଚନା କରାଯାଇଥିଲା।

# ଆରମ୍ଭରୁ ଶେଷ ଆଲୋଚନା ସରଗରମ

### ଖଇରା ପଞ୍ଚାୟତ ସମିତି ୩ୟ ଅଧିବେଶନ

ଖଇରା, ୧୮।୫(ଡି.ଏନ.ଏ.)



ବୈଠକରେ ହୋହଲ୍ଲା କରାଯାଉଛି।

ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ସମିତିର ତୃତୀୟ ଅଧିବେଶନ ବୁଧବାର ସଭାଗୃହରେ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା, ଉପାଧ୍ୟକ୍ଷ ନିର୍ବାଚନ ପରର ଏହା ପ୍ରଥମ ବୈଠକ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗ ସରଗରମ ଆଲୋଚନା ମଧ୍ୟରେ ଶେଷ ହୋଇଛି।

ପ୍ରଥମେ ଦିବଂଗତ ପଞ୍ଚାୟତ ଅଧିକାରୀ ରାମଚନ୍ଦ୍ର ମହାପାତ୍ର ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର ଜେନାଙ୍କ ଉଦ୍ଦେଶ୍ୟରେ ଗୃହ ସଭ୍ୟଙ୍କ ତରଫରୁ ନୀରବ ପ୍ରାର୍ଥନା କରାଯାଇଥିଲା। ସାମାଜିକ ମଙ୍ଗଳ ଓ ସୁରକ୍ଷା ବିଭାଗୀୟ ଅଧିକାରିଣୀ ସାଲିମା ରାଉତ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନଲାଇନରେ ଆବେଦନ ପରେ ତ୍ରୁଟି ଯୋଗୁ ଖାରଜ ହୋଇଯାଉଥିବା ସମ୍ପର୍କରେ ଆବେଦନକାରୀମାନଙ୍କୁ ଜଣାଇବାର ବ୍ୟବସ୍ଥା କରିବାକୁ ବହୁ ଲୋକ ପ୍ରତିନିଧି, ବିଭାଗୀୟ ଅଧିକାରିଣୀ ତଥା ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଅବଗତ କରାଇଥିଲେ। ଭତ୍ତାଧାରୀଙ୍କ ମୃତ୍ୟୁ ପରେ ମଧ ସେମାନଙ୍କ ଆକାଉଣ୍ଟକୁ ଅର୍ଥ ଆସୁଥିବା ନେଇ ଲୋକପ୍ରତିନିଧିମାନେ ଜଣାଇଥିଲେ। ଏମଜିଏନଆରଇଜିଏସରେ ଚଳିତବର୍ଷ ଅମୃତ ସରୋବର ଯୋଜନାରେ ୧୦ ପ୍ରକଳ୍ପ ହାତକୁ ନିଆଯାଇଥିବା ଏପିଓ ଦୀପକ ଭଞ୍ଜ କହିଥିଲେ । ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନର ଭୂମିକା କ୍ଷମତା ଉପରେ ବିତର୍କ ପରେ ମୋ ଉପକାରୀ ବଗିଚାରେ ହିତାଧିକାରୀ ଚୟନକୁ ନେଇ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ପ୍ରଶ୍ନ ଉଠାଇଥିଲେ। ଖଇରାରେ ଅସ୍ଥାୟୀ କୋର୍ଟ ସ୍ଥାପନ ପାଇଁ ପୁରୁଣା ବାଳିକା ଉଚ୍ଚ ବିଦ୍ୟାଳୟକୁ ଚିହ୍ନଟ କରାଯାଇଥିବା ବିଡିଓ ସୂଚନା ଦେଇଥିଲେ। ମହିଳା ଓ ଶିଶୁ ବିକାଶ ପ୍ରସଙ୍ଗରେ ବହୁ ସ୍ଥାନରେ ଅଙ୍ଗନୱାଡି ଗୃହ ଅସମ୍ପୂର୍ଣ୍ଣ ନେଇ ଉପସ୍ଥିତ ଲୋକପ୍ରତିନିଧି ରବୀନ୍ଦ୍ର ନାୟକ, ରଶ୍ମିତା ଜେନା, ଅକ୍ଷୟ ଜେନା, ଦୟାନିଧି ନାୟକ ଓ ରଘୁନାଥ ଜେନା ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିଥିଲେ। ପୁନରୁଦ୍ଧାର ଯୋଜନାରେ ପ୍ରତ୍ୟେକ ପରିବାରକୁ ପାଇପ ଜଳ ସମ୍ପର୍କରେ ଯନ୍ତ୍ରୀ ବିକ୍ରମାଦିତ୍ୟ ପ୍ରଧାନ ସୂଚନା ଦେବା ପରେ ବହୁ ସ୍ଥାନରେ ଟାଙ୍କି ଓ ପାଇପ ଲିକ୍ ହୋଇ ପାଣି ନଷ୍ଟ ହେଉଥିବାରୁ ଏହାକୁ ମରାମତି କରିବାକୁ ସଭ୍ୟମାନେ ଦାବି କରିଥିଲେ। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ଦାସ, ରଶ୍ମିତା ମହାପାତ୍ର, ମାନସ କୁମାର ଦାଶ, ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା, ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ, ବିଧାୟକ ପ୍ରତିନିଧି କରୁଣାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

#### ଆଲୋଚନାରେ ଭାଗନେବା ନେଇ ହଟ୍ଟଗୋଳ

ସାମାଜିକ ମଙ୍ଗଳ ଓ ସୁରକ୍ଷା ଆଲୋଚନା ଆରମ୍ଭରେ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ କିଛି କହିବାକୁ ଆରମ୍ଭ କରିବା ବେଳେ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା ଜିଲା ପରିଷଦମାନେ କିଛି କହିବାର ଅଧିକାର ନାହିଁ ବୋଲି କହିଥିଲେ । ଏହାକୁ ନେଇ ଉଭୟ ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ପାଖାପାଖି ଅଧଘଣ୍ଟାଏ ଧରି ବାକ୍‌ବିତଣ୍ଡା ଓ ପାଟିତୁଣ୍ଡ ହୋଇଥିଲା । ଏଭଳିକି ଶାସକ ବିରୋଧୀ ଦଳର ସମର୍ଥକମାନେ ଆସନରୁ ଉଠି ଗୃହର ମଧ୍ୟଭାଗକୁ ଚାଲି ଯାଇଥିଲେ। ପରେ ଅଧ୍ୟକ୍ଷା ହାତଯୋଡି ଗୃହରେ ଶାନ୍ତି ରକ୍ଷା ପାଇଁ ଅନୁରୋଧ କରିବା ପରେ ଘଟଣାର ପୂର୍ଣ୍ଣଚ୍ଛେଦ ପଡିଥିଲା।

## ଗାଁରେ ହେଲା ଅନ୍ତିମ ସଂସ୍କାର

### ଅଗ୍ନିଶମ କର୍ମଚାରୀଙ୍କ ଆତ୍ମହତ୍ୟା ଘଟଣା

ପାଟଣା,୧୮।୫(ସ୍ୱ ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ବୁଢ଼ୀକାପୁଡି ଗ୍ରାମର ଦୟାନିଧି ମହାନ୍ତ (୪୨) ଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅଧୀନ ସଂରକ୍ଷିତ ଜଙ୍ଗଲ ବୁଢାକେନ୍ଦୁରୁ ଉଦ୍ଧାର ହୋଇଛି। ସେ ସୋମବାର ରାତିରୁ ନିଖୋଜ ଥିଲେ। ବୁଧବାର ସକାଳେ ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଗାଁ ଦାଣ୍ଡ କାନ୍ଦ ବୋବାଳିରେ ଫାଟି ପଡୁଥିଲା। ଗାଁ ଲୋକେ ଦୟାନିଧିଙ୍କ ଏଭଳି ଆକସ୍ମିକ ଆତ୍ମହତ୍ୟାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ରେବତୀ, ଭାଇ ଲକ୍ଷ୍ମୀଧର, ଭାଉଜ କାନ୍ଦୁଥିବା ଦୃଶ୍ୟ ଗାଁ ଲୋକଙ୍କୁ ସ୍ତବ୍ଧ କରିଦେଇଛି। ଦୟାନିଧିଙ୍କ ପୁଅ ମୁଖାଗ୍ନି ଦେଇଛନ୍ତି। ଗାଁ ଶ୍ମଶାନରେ ଦୟାନିଧିଙ୍କ ଅନ୍ତିମ ସଂସ୍କାର ହୋଇଛି। ସେ କନ୍ଧମାଳରୁ ଡେପୁଟେଶନରେ ଗଞ୍ଜାମ ଆସିକା ଅଗ୍ନିଶମ କେନ୍ଦ୍ରରେ ହାବିଲଦାର ଭାବେ କାର୍ଯ୍ୟ କରୁଥିଲେ। ସୁଇସାଇଡ୍ ନୋଟରେ ଅଧିକାରୀ ମାନେ ବାରମ୍ବାର ତାଙ୍କୁ ଘର ଠାରୁ ଦୂର ସ୍ଥାନକୁ ବଦଳି କରି ହଇରାଣ କରିବା ଫଳରେ ସେ ମା'ବାପାଙ୍କୁ ହରାଇଲେ। ସ୍ତ୍ରୀଙ୍କୁ ସମୟ ଦେଇପାରି ନ ଥିବାରୁ ସେ ବି ପ୍ରତାରଣା କରି ଛାଡପତ୍ର ପାଇଁ ଆବେଦନ କରିଛନ୍ତି। ତାଙ୍କ ୨ ପିଲାଙ୍କ ଦାୟିତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପରେ ଲାଗିଲା ବୋଲି ସେ ଉଲ୍ଲେଖ କରିଛନ୍ତି।

## ବେଆଇନ ହାଇୱାକୁ ଜରିମାନା

ପାଟଣା,୧୮।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ତହସିଲ ଦେଇ ଯାଇଥିବା ୪୯ ନମ୍ବର ମୁମ୍ବାଇ କଲିକତା ଜାତୀୟ ରାଜପଥର ଖିରେଇଟାଙ୍ଗିରୀ ନିକଟରେ ବୁଧବାର ଅପରାହ୍ନରେ ପାଟଣା ତହସିଲର ଏନ୍‌ଫୋର୍ସମେଣ୍ଟ ଟିମ ଚଢ଼ାଉ କରି ଦୁଇ ବାଲି ବୋଝେଇ ହାଇୱା ଜବତ କରିଛନ୍ତି। ଏଥିସହ ଉକ୍ତ ହାଇୱାରୁ ୪୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢ଼ାଉରେ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଲୁହା ସାମଗ୍ରୀ ଚୋରି: ୨ ଗିରଫ

ବଡ଼ବିଲ, ୧୮।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଷ୍ଟେଶନ ରୋଡସ୍ଥିତ ଏକ ୱାର୍କସପ୍‌ରୁ ବିଭିନ୍ନ ଲୁହା ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ ବୁଧବାର ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ବିଲ ଲକ୍ଷ୍ମୀନଗର ଅଞ୍ଚଳର ସୁନୀଲ ପାତ୍ର ଏବଂ ଇନ୍ଦିରା କଲୋନୀ ଅଞ୍ଚଳର ରଘୁନାଥ ଗୋପ। ବଡ଼ବିଲ ଇଣ୍ଡଷ୍ଟ୍ରିଆଲ ଏରିଆସ୍ଥିତ ଷ୍ଟିଲ ଫେବ୍ରିକେଶନ ୱାର୍କସପରୁ ଗତ ସୋମବାର ବିଳମ୍ବିତ ରାତିରେ ୨ ଦୁର୍ବୃତ୍ତ ବିଭିନ୍ନ ଲୁହା ସାମଗ୍ରୀ ଚୋରି କରିଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ମାମଲା (ନଂ. ୮୯/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ଶ୍ରୋତାଙ୍କୁ ବାନ୍ଧି ରଖିଲା ଦୃଷ୍ଟିବାଧିତଙ୍କ ସଙ୍ଗୀତ


ସାଇକ୍ରିଷ୍ଣା ଦୃଷ୍ଟିହୀନ ଗ୍ରୁପ୍ ପକ୍ଷରୁ ଭଜନ ପରିବେଷଣ କରାଯାଉଛି।

ମୋରଡ଼ା,୧୮।୫ (ଡି.ଏନ.ଏ.)

ସଙ୍ଗୀତ ଶୁଣିବାକୁ କାହାକୁ ବା ଭଲ ନ ଲାଗେ। ସେ ପୁଣି କାଳିଆ ଭଜନ। ଭକ୍ତି ଭାବର ଭଜନ ଶୁଣି ଦର୍ଶକ ବାନ୍ଧି ହୋଇଯାଇଛନ୍ତି। କିନ୍ତୁ ଏହି ଭଜନ ଗାଉଛନ୍ତି କେତେଜଣ ଦୃଷ୍ଟିବାଧିତ ଦିବ୍ୟାଙ୍ଗ। ସତେ ଯେପରି ସେମାନଙ୍କ କଣ୍ଠରେ ଭଗବାନ ବିରାଜମାନ। ଯିଏ ସେମାନଙ୍କ ଗୀତ ଥରେ ଶୁଣୁଛନ୍ତି ସେ ବାରମ୍ବାର ଶୁଣିବାକୁ ଇଚ୍ଛା କରୁଛନ୍ତି।

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଚିତ୍ରଡାର ପ୍ରସିଦ୍ଧ ବୈଶାଖୀ ପର୍ବରେ ଏଭଳି ହୃଦୟସ୍ପର୍ଶୀ ସମାରୋହ ଦେଖିବାକୁ ମିଳିଥିଲା। ଶେଷ ଦିନ ଉଡ଼ାପର୍ବ ଥିଲା। ଲୋକେ ପର୍ବ ବୁଲି ଘରକୁ ଫେରୁଥିଲେ। କିନ୍ତୁ ଫେରିବା ସମୟରେ ଲୋକଙ୍କ କାନରେ ବାଜିଥିଲା କେତେଜଣ ଦୃଷ୍ଟି ବାଧିତ ଦିବ୍ୟାଙ୍ଗଙ୍କ ଦ୍ୱାରା ବୋଲାଯାଉଥିବା କାଳିଆ ଠାକୁରଙ୍କ ଭଜନ। ସତେ ଯେମିତି ଉପସ୍ଥିତ ଥିବା ସମସ୍ତ ଦର୍ଶକ ବାନ୍ଧି ହୋଇଯାଇଥିଲେ ଗୀତର ଭାବର ସ୍ୱରରେ। ଉକ୍ତ ଗୀତ ଗାଉଥିବା ଗଞ୍ଜାମ ଜିଲା ବେଗୁନିଆର ଦିବ୍ୟାଙ୍ଗ ଗ୍ରୁପର ନାମ 'ସାଇ କ୍ରିଷ୍ଣା ଦୃଷ୍ଟି ହୀନ ଭଜନ ସମାରୋହ'। ଉକ୍ତ ଗ୍ରୁପକୁ ଗଢ଼ିଛନ୍ତି ଗଞ୍ଜାମ ଜିଲାର ରଞ୍ଜନ ମହାରଣା ଓ ତାଙ୍କ ଦିବ୍ୟାଙ୍ଗ ପତ୍ନୀ ଲୋପାମୁଦ୍ରା। ଯିଏ କି ଜଣେ ଗୀତିକାର । ସେହିପରି ଅନ୍ୟ ଦିବ୍ୟାଙ୍ଗ କଳାକାର ମାନେ ହେଲେ ପଶ୍ଚିମବଙ୍ଗର ଆଦିତ୍ୟ ସି, ନବରଙ୍ଗପୁରର ଟିକମ ବିଶି, ବାଲେଶ୍ୱରର ପ୍ରଶାନ୍ତ କୁମାର ନାୟକ, ବାଲିଆପାଳର ବୀରେନ୍ଦ୍ର କୁମାର ଗିରି ଓ ତପନ କୁମାର। ଗୀତିକାର ରଞ୍ଜନ କହିଛନ୍ତି, ସେମାନେ ଚାରିଆଡେ ଏମିତି ବୁଲି ବୁଲି ମାଗଣାରେ ଭଜନ ସମାରୋହ କରନ୍ତି, କେବଳ ଏକ ଦାନ ବାକ୍ସରେ ଲୋକେ ଯାହା ଦିଅନ୍ତି ସେଥିରେ ସମସ୍ତ କଳାକାର ଚଳନ୍ତି। ଏଯାଏ ସରକାରଙ୍କ ତରଫରୁ କୌଣସି ସହାୟତା ପ୍ରଦାନ କରାଯାଇନାହିଁ।

# ବିଷ ପିଇଲେ ମା', ପୁଅ ଓ ବୋହୂ

ଆନନ୍ଦପୁର,୧୮।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ବଡ଼ପଦନା ଗ୍ରାମରେ ବୁଧବାର ଘରୋଇ କଳିର କରୁଣ ପରିଣତି ଦେଖିବାକୁ ମିଳିଛି। ଗ୍ରାମର ପ୍ରଦୀପ ସାହୁ, ମା' ରଞ୍ଜୁଲତା ଓ ତାଙ୍କ ସ୍ତ୍ରୀ ବେବି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କଳି ଝଗଡାକୁ ନେଇ ପୁଅ ବୋହୂ ପ୍ରଥମେ ବିଷ ପିଇ ଦେଇଥିଲେ। ପରେ ମା' ବିଷ ପିଇ ଦେଇଥିବା ଜଣାପଡ଼ିଛି। ପଡୋଶୀଙ୍କ ଉଦ୍ୟମରେ ତିନିଜଣଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ପ୍ରଦୀପ ପ୍ରାୟ ଦେଢବର୍ଷ ତଳେ ଘସିପୁରା ଅଞ୍ଚଳରେ ବେବିଙ୍କୁ ବିବାହ କରିଥିଲେ। ଛୋଟ ବଡ଼ ଘଟଣାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଅଧିକାଂଶ ସମୟ କଳି ଝଗଡ଼ା ଲାଗିରହୁଥିଲା।

## ବେଗୁନିଆ ପଥରଖାଦାନରେ ଚଢ଼ାଉ

ନୀଳଗିରି, ୧୮।୫(ସ୍ୱ.ପ୍ର.)

ନୀଳଗିରି ତହସିଲ ଅଧୀନ ବେଗୁନିଆ ପଥରଖାଦାନ ସରକାରୀ ସ୍ତରରେ ବନ୍ଦ ରହିଥିବା ବେଳେ ପଥର ମାଫିଆମାନେ ଚୋରାରେ ବ୍ଲାଷ୍ଟିଂ କରି ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଲୁଟ୍ କରି ଚାଲିଥିଲେ । ପ୍ରତିଦିନ ଟ୍ରିପ ଟ୍ରିପ ମେଟାଲ ଓ ପଥର ଚାଲାଣ ହେଉଥିବା ବେଳେ ଏନେଇ ତହସିଲଦାରଙ୍କ ନଜରକୁ ଆସିଥିଲା। ବୁଧବାର ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ପୋଲିସ ଫୋର୍ସ ସହ ମିତ୍ରପୁର ଆରଆଇ ରବିକା ନାୟକ, ଏଆରଆଇ ଲିପିକା ଦାସଙ୍କୁ ନେଇ ବେଗୁନିଆ ପଥରଖାଦାନ ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ତହସିଲଦାର ଅଶେଷ କୁମାର ନାୟକ ମେଟାଲ ଓ ପଥର ଗଚ୍ଛିତ ଥିବା ଦେଖିବାକୁ ପାଇଥିଲେ । ପରେ ଗଚ୍ଛିତ ପଥରକୁ ମାପ କଲାପରେ ୩୦୦ ସିଏମ୍ ପଥରକୁ ଜବତ କରିବା ୨୦ଜଣଙ୍କ ନାମରେ ଜରିମାନା ଆଦାୟ କରାଯିବା ସହ ଜବତ ପଥର ମୂଲ୍ୟ ୪ଲକ୍ଷ ଟଙ୍କା ଆନୁମାନିକ ହେବ ବୋଲି ନୀଳଗିରି ତହସିଲଦାର ସୂଚନା ଦେଇଛନ୍ତି।


ବେଗୁନିଆ ପଥର ଖାଦାନ।

# ନାତୁଣୀ ନାତିଙ୍କ ପାଇଁ ମୂଲ ଲାଗୁଛନ୍ତି ଶାନ୍ତିଲତା

ସିମୁଳିଆ, ୧୮।୫(ଡି.ଏନ.ଏ.)


ନାତୁଣୀ ଓ ନାତିଙ୍କ ସହିତ ଶାନ୍ତିଲତା

ସରକାରୀ ଯୋଜନାଠାରୁ ଦୂରରେ ରହୁଛନ୍ତି ପ୍ରକୃତ ହିତାଧିକାରୀ। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଣ୍ଡରାଇ ପଞ୍ଚାୟତ ୧୩ନଂ. ୱାର୍ଡ଼ ଅଣ୍ଡରାଇ ଜେନାସାହିରେ। ସ୍ୱାମୀ, ବୋହୂ ଓ ପୁଅଙ୍କ ମୃତ୍ୟୁ ହେବା ପରେ ୬୨ ବର୍ଷୀୟା ଶାନ୍ତିଲତା ଯେନା ନାତି, ନାତୁଣୀଙ୍କ ପେଟ ପୋଷିବା ଲାଗି ପରଘରେ ମୂଲ ଲାଗୁଛନ୍ତି। ବୋହୂ ନାମରେ ଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୫ବର୍ଷ ହେଲା ସରିପାରୁ ନ ଥିବାରୁ ଝାଟିମାଟି ଘରେ ୩ ପ୍ରାଣୀ ମୁଣ୍ଡ ଗୁଞ୍ଜିଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବା ଘରକୁ ବାଉଁଶ ସହାୟ୍ୟରେ ଡିରା ଦେଇ ଅଟକାଯାଇଛି। କେତେବେଳେ ଯେ, ଭୁଶୁଡିପଡିବ ତାହା କହିହେବନାହିଁ।

୨୧ ବର୍ଷ ପୂର୍ବେ ଶନ୍ତିଲତାଙ୍କ ସ୍ୱାମୀ ମୁଷାଙ୍କର ମୃତ୍ୟୁ ହୋଇଥିଲା। ପରେ ଆଗପଛ ପଛ ହୋଇ ଗତ ଦୁଇ ବର୍ଷ ମଧ୍ୟରେ ବୋହୂ ବର୍ଷାଙ୍କର କର୍କଟ ରୋଗରେ ଓ ପୁଅ ମୁରଲୀଙ୍କର ମଧ ଅଚାନକ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ଷଷ୍ଠ ଶ୍ରେଣୀରେ ପଢୁଥିବା ନାତୁଣୀ ନନ୍ଦିନୀ ଓ ଦଶମ ଶ୍ରେଣୀରେ ପଢୁଥିବା ନାତି ବିଶ୍ୱରଞ୍ଜନଙ୍କ ଦାୟିତ୍ୱ ଶାନ୍ତିଲତାଙ୍କ ଉପରେ ରହିଛି। ୪ ଡିସିମିଲ ଘରବାଡ଼ି ତାଙ୍କର ଏକମାତ୍ର ସମ୍ବଳ। ମାସିକ ୫ଶହ ଟଙ୍କା ଭତ୍ତା ଓ ଚାଉଳ ତାଙ୍କୁ ମିଳୁଛି । ତେବେ ଏହା ୩ ପ୍ରାଣୀ କୁଟୁମ୍ବଙ୍କ ପାଇଁ ଯଥେଷ୍ଟ ହେଉ ନ ଥିବାରୁ ଶାନ୍ତିଲତା ପରଘରେ କାମ କରୁଛନ୍ତି। ୫ବର୍ଷ ପୂର୍ବେ ୧ଲକ୍ଷ ୨୦ହଜାର ବ୍ୟୟ ଅଟକଳରେ ତାଙ୍କ ବୋହୂ ବର୍ଷାଙ୍କ ନାମରେ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବୋହୂ ମରିଯିବା ପରେ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ । ତାଙ୍କ ଘର ପାର୍ଶ୍ୱରେ ଗାଁର ପକ୍କା ରାସ୍ତା ନିର୍ମାଣ କରାଯାଇଛି। ଫଳରେ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ତାଙ୍କ ଘରେ ପଶୁଛି। ପକ୍କାଘର ନିର୍ମାଣ ହୋଇଗଲେ ସେମାନେ ଆଶ୍ୱସ୍ତ ହୋଇପାରନ୍ତେ ବୋଲି ଶାନ୍ତିଲତା କହିଛନ୍ତି। ଶାନ୍ତିଲତାଙ୍କ ଅସହାୟତା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେକ

### ବୋହୂ, ପୁଅ ଆରପାରିରେ

ବ୍ୟକ୍ତି ଗତ ୧୦।୫।୨୧ରେ ଜିଲାପାଳ, ଗତ ୨୬।୦୫।୨୧ ଓ ୨୮।୩।୨୨ରେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ । ଘର ନିକଟରୁ ବ୍ଲକ କାର୍ଯ୍ୟାଳୟ ୨୮କି.ମି. ଦୂର ହେବା ସହିତ ଗାଡ଼ି ମୋଟର କୌଣସି ସୁବିଧା ନ ଥିବାରୁ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ପାରୁ ନ ଥିବାର ଶାନ୍ତିଲତା କହିଛନ୍ତି। ଏ ସମ୍ପର୍କରେ ବିଡିଓ ସୁଧୀର କୁମାର ସିଂ କହିଛନ୍ତି, ସେ ତୁରନ୍ତ ଗୃହ ନିର୍ମାଣ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ରୁପତି ରଞ୍ଜନ ପଣ୍ଡାଙ୍କୁ ଡାକି ପଚାରି ବୁଝିଥିଲେ। ଶାନ୍ତିଲତାଙ୍କୁ ୩୫ କି.ଗ୍ରା. ଚାଉଳ ବ୍ୟବସ୍ଥା କରାଯିବା ସହିତ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ସୂଚନା ଦେଇଥିଲେ। ଘର ନିର୍ମାଣ ପାଇଁ ବୋହୂ ନାମ ପରିବର୍ତ୍ତେ ଶାନ୍ତିଲତାଙ୍କ ନାମ ଯୋଡ଼ାଯିବା ପାଇଁ ପଠାଯାଇଛି ବୋଲି ରୁପତି ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

କେନ୍ଦୁଝର, ୧୮।୫ (ସ୍ୱ.ପ୍ର.): କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ୍ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନିଧିଆ ନାୟକ (୬୫)। ତାଙ୍କ ଘର କୁଲାଡେରା ଗ୍ରାମରେ ବୋଲି ଜଣାପଡିଛି। ଗତ ମଙ୍ଗଳବାର ତାଙ୍କର ଏକ ବଳଦ ହଜିଯିବାରୁ ସେ ଖୋଜିବାକୁ ଜଙ୍ଗଲକୁ ଯାଇଥିଲେ। ରାତି ହୋଇଯିବାରୁ ବନବିହାରୀପୁର ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରେ ରହିଯାଇଥିଲେ। ବୁଧବାର ସକାଳେ ଘରକୁ ଫେରୁଥିବା ବେଳେ ବନବିବାହରୀପୁର କାଜୁ ଜଙ୍ଗଲରେ ଥିବା ଏକ ହାତୀ ହାବୁଡ଼ରେ ପଡିଯାଇଥିଲେ। ପରେ ଗ୍ରାମବାସୀ ମାନେ ତାଙ୍କୁ ଗୁରୁତର ଅବସ୍ଥାରେ ପଡିଥିବା ଦେଖି ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ କେନ୍ଦୁଝର ଜିଲା ମୁଖ୍ୟାଳୟକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ହାତୀ ଟି ତାଙ୍କୁ ଶୁଣ୍ଢ ରେ ଟେକି କଚାଡିଦେଇଥିଲା ବୋଲି ସେ କହିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇଯାଇଛନ୍ତି। ଏନେଇ ଡେପୁଟି ରେଞ୍ଜର ରଞ୍ଜନ କୁମାର ପାଣି କହିଛନ୍ତି, ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ଆପାତ୍ତକାଳୀନ ସହାୟତା ପ୍ରଦାନ କରାଯାଇଛି। ହାତୀଙ୍କ ଉପରେ ନଜର ରଖାଯାଇଛି। ଅଞ୍ଚଳରେ ୩ଟି ହାତୀ ବୁଲୁଥିବା ବେଳେ କ୍ଷୟକ୍ଷତି ଘଟାଉଛନ୍ତି।

### ଭାଲୁ ଆକ୍ରମଣରେ ୩ ଗୁରୁତର

ପାଟଣା,୧୮।୫(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ମାଛଗଡ଼ ବିଟ ଅଞ୍ଚଳରେ ବୁଧବାର ଏକ ଭାଲୁ କାମୁଡ଼ାରେ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରୁ ୨ଜଣ ପ୍ରଥମେ ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ଗୁରୁତର ହୋଇଥିବା ବ୍ୟକ୍ତି ହେଉଛନ୍ତି ବାଉଁଶନାଳି ଗ୍ରାମର ନୀଳକଣ୍ଠ ମହାନ୍ତ, କମାରମରା ଗାଁର ଶେଖର ମହାନ୍ତ ଓ କାଳିଆଦୁମା ଗ୍ରାମର ମାଜୁରା ସିଦ୍ଧୁ ଲୋକେ ଗୋଡେଇବାରୁ ଭାଲୁଟି ହିଂସ୍ର ହୋଇପଡ଼ି ଆକ୍ରମଣ କରିଥିଲା। ଏବେ ଗାଁ ନିକଟରେ ଭାଲୁ ବୁଲୁଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଭାଲୁଟି ଏବେ କମାରମରା ଗାଁ ଜଙ୍ଗଲରେ ରହିଥିବା ରେଞ୍ଜର ଟିକେଶ୍ୱର ମହାନ୍ତ କହିଛି। ଭାଲୁକୁ ଘଉଡାଇବା ପାଇଁବନ ବିଭାଗ ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି।

### ପୋଖରୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

ଯୋଡ଼ା,୧୮।୫(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହର ହୁଡ଼ିସାହିରେ ରହୁଥିବା ଜଣେ ନାବାଳିକା ମଙ୍ଗଳବାର ପୋଖରୀକୁ ଗାଧେଇବା ପାଇଁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତ ନାବାଳିକା ହେଲେ ସୁମିତ୍ରା ମହାକୁଡ଼(୬)। ଗାଧେଇବା ବେଳେ କୌଣସି କାରଣରୁ ସେ ପୋଖରୀ ବୁଡି ଯାଇଥିଲେ। ବହୁ ସମୟ ପରେ ନାବାଳିକାଙ୍କ ମୃତ ଦେହ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବୁଧବାର ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ଏନେଇ ଯୋଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୦୨୨) ରୁଜୁ ହୋଇଥିବା ଆଇଆଇସି ପଦ୍ମାଳୟା ସାହୁ ସୂଚନା ଦେଇଛନ୍ତି।

### ବ୍ରଜନାରାୟଣ ଥିଲେ ଆଦର୍ଶ ଶିକ୍ଷକ

ରୂପସା, ୧୮।୫(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ରୂପସାସ୍ଥିତ ମହାପାତ୍ର ହାଇସ୍କୁଲରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ବ୍ରଜନାରାୟଣ ଦାସଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ପ୍ରଧାନ ପୌରୋହିତ୍ୟ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ସୁଧାକର ଗିରି, ସଂଯୋଜକ ଭଗବାନ ମହାପାତ୍ର, ମୁଖ୍ୟ ଉପଦେଷ୍ଟା ବରଦା ପ୍ରସନ୍ନ ପଟ୍ଟନାୟକ, ସମ୍ପାଦକ ଜଗଦୀଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇ ବ୍ରଜ ସାର ପ୍ରକୃତରେ ଜଣେ ଆଦର୍ଶ ଶିକ୍ଷକ ଥିଲେ ବୋଲି ବକ୍ତବ୍ୟରେ କହିଥିଲେ। ସେ ସ୍କୁଲକୁ କେବେ ବି ଅବହେଳା କରି ନ ଥିଲେ ବରଂ ନିଜ ପରିବାର ଭଳି ଭଲ ପାଇବା ଦେଇ ସର୍ବାଙ୍ଗୀନ ଉନ୍ନତି ଦିଗରେ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ଶିକ୍ଷକତା ସମୟରେ ୧୩୫ ଟଙ୍କା ଦରମାରେ ସେ ଶିକ୍ଷାଦାନ କରିଥିଲେ। ତାଙ୍କ ପାଖରୁ ଅଧ୍ୟୟନ କରିଥିବା ଛାତ୍ର ପ୍ରଫେସର ଅନନ୍ତ କୁମାର ଗିରି, ପ୍ରାକ୍ତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ, କୈଳାଶ ଚନ୍ଦ୍ର ନାୟକ, ରତ୍ନାକର ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ ସାହୁ, ପ୍ରାକ୍ତନ ଡିଆଇ ହରିଶ୍ଚନ୍ଦ୍ର ବିଶ୍ୱାଳ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ହୋଇ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଆଡ଼ିବନ୍ଧ ନିର୍ମାଣ ଦାବି ଜୋର ଧରିଲା

**ବାରିପଦା ଅଫିସ,୧୮।୫**

ମୟୂରଭଞ୍ଜ ଜିଲା ବାରିପଦା ସହରକୁ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା ଦାଉରୁ ରକ୍ଷା ନିମନ୍ତେ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ବୁଢାବଳଙ୍ଗ ନଦୀରେ ଆଡ଼ିବନ୍ଧ ନିର୍ମାଣକୁ ନେଇ ଦାବି ଜୋର ଧରିଛି। ଏନେଇ ବୁଧବାର ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ବନ୍ଧ ନିର୍ମାଣକୁ ନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

୨୦୧୩ ପ୍ରଳୟଙ୍କାରୀ ବନ୍ୟା ଯୋଗୁ ବାରିପଦା ସହର ଜଳମଗ୍ନ ହୋଇଯାଇଥିଲା। ବହୁ ଘର ଦ୍ୱାର ଭାଙ୍ଗି ନଷ୍ଟ ହୋଇଯାଇଥିବା ବେଳେ ଡାକ୍ତରଖାନାରେ ବନ୍ୟାଜଳ ପଶି ଆତଙ୍କ ଖେଳାଇଥିଲା। କୋଟି କୋଟି ଟଙ୍କାର ଆସବାବପତ୍ର, ବ୍ୟବସାୟିକ ପ୍ରତିଷ୍ଠାନ, ଔଷଧ ଦୋକାନରେ ପାଣି ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଏହାକୁ ଦେଖି ୨୦୧୪ ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଗସ୍ତରେ ଆସି ବୁଢାବଳଙ୍ଗ ନଦୀରେ ଆଡ଼ିବନ୍ଧ ନିର୍ମାଣ କରାଯାଇ ସହରବାସୀଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଘୋଷଣା ମୁତାବକ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ନିର୍ମାଣ ପ୍ରକଳ୍ପର ମାଷ୍ଟର ପ୍ଲାନ ନିର୍ମାଣ କରିଥିଲେ। ଏହାକୁ ନେଇ ସାମାନ୍ୟ ଆଶ୍ୱସ୍ତି ମିଳିଥିଲେ ହେଁ ଅଦ୍ୟାବଧି ସୁରକ୍ଷା ପରିବର୍ତ୍ତେ ଅସୁରକ୍ଷିତ ବାରିପଦା ସହରରେ ବନ୍ୟାବାତ୍ୟାକୁ ନେଇ ସହରବାସୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି। ବର୍ଷାଦିନେ ଜନବସତି ଗୁଡିକରେ ବସବାସ କରୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ଦୀର୍ଘ ୮ବର୍ଷ ଅତିକ୍ରମ ହୋଇଯାଇଥିଲେ ସୁଦ୍ଧା ଅଦ୍ୟାବଧି ମୁଠାଏ ମାଟି ପଡି ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ୨୦୧୯ ନିର୍ବାଚନରେ ପୂର୍ବରୁ ଜିଲା ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ଡ.ଅରୁଣ ସାହୁଙ୍କ ପରାମର୍ଶ କ୍ରମେ ମୟୂରଭଞ୍ଜ ସିଟିଜେନ ଫୋରମ, ଓଡିଆ ଜାଗରଣ ମଞ୍ଚ ଓ ମଧୁବନ ଉନ୍ନୟନ ପରିଷଦର କର୍ମକର୍ତ୍ତାମାନେ ନବୀନ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି କାମ ଆରମ୍ଭ ନ ହେବାରୁ ପୁନର୍ବାର ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର କର୍ମକର୍ତ୍ତା ନରେନ୍ଦ୍ର ସେନାପତି, ପିତାମ୍ବର ମଲ୍ଲିକ, ଉଦୟ ନାଥ ଜେନା, ଲିଙ୍ଗରାଜ ମିଶ୍ର, ଯତୀନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ସପ୍ତମ ବେତନ ଦାବିରେ ଓଷ୍ଟାର ଧାରଣା



ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଓଷ୍ଟା କର୍ମକର୍ତ୍ତା।

**ଭଦ୍ରକ ଅଫିସ, ୧୮।୫**

ଓଡ଼ିଶାର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ସପ୍ତମ ବେତନ କମିଶନଙ୍କ ବର୍ଦ୍ଧିତ ବେତନ ପ୍ରଦାନ ଦାବିରେ ମାଧ୍ୟମିକ ଶିକ୍ଷା ପରିଷଦ(ଓଷ୍ଟା) ପକ୍ଷରୁ ବୁଧବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିସହ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପରେ ଜିଲାପାଳଙ୍କ ଜରିଆରେ ମଧ୍ୟ ସମସ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ନିର୍ଦ୍ଧାରଣର ସର୍ବନିମ୍ନ ଗ୍ରେଡ୍ ପେ ୧୭ ଶହ ପ୍ରଦାନ ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି ଓଷ୍ଟା କର୍ମକର୍ତ୍ତା। ସେହିପରି ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ନୂତନ ଅନୁଦାନ ନୀତି-୨୦୨୧ ଲାଗୁ କରା ନ ଯିବାରୁ ୫୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଏହା ହତାଶ କରିଛି। ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାୟୀ ନୂତନ ବେତନ ନିର୍ଦ୍ଧାରଣକୁ ବାଦ୍ ଦେଇ ସମ୍ପୂର୍ଣ୍ଣ ଭିନ୍ନ ଦରମା ନିର୍ଦ୍ଧାରଣ ପଦ୍ଧତିକୁ ଗ୍ରହଣ କରାଯାଇଛି। ୨୦୧୭ରେ ମୁଖ୍ୟମନ୍ତ୍ରୀ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ପରିବର୍ତ୍ତନ କରାଯାଇ ଅନୁଦାନ ଆଇନ ପୁନଃ ପ୍ରଚଳନ କରାଗଲା ବୋଲି ଘୋଷଣା କରିଥିଲେ। ଏହି ବର୍ଦ୍ଧିତ ଦରମା ବୃଦ୍ଧିକୁ ମଧ୍ୟ ଉଲ୍ଲଂଘନ କରାଯାଇଥିବା ସଂଘ କ୍ଷୋଭ ପ୍ରକାଶ କରିଛି। ଓଷ୍ଟାର ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ଜିଲା ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ଅକ୍ଷୟ ହୋତା, ରମାକାନ୍ତ ପରିଡ଼ା, ବୈକୁଣ୍ଠ ବିଶ୍ୱାଳ, ପର୍ଶୁରାମ ପାତ୍ର, ପ୍ରଭାତ ପାଣିଗ୍ରାହୀ, ହେମନ୍ତ ସୂତାର ପ୍ରମୁଖ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଧାରଣାରେ ସାମିଲ ଥିଲେ।

# ଶିଶୁ ଶ୍ରମିକ ଉଦ୍ଧାର

**ଭଣ୍ଡାରିପୋଖରୀ, ୧୮।୫**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ବଜାରଠାରୁ ବୁଧବାର ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଘଟଗାଁ ଅଞ୍ଚଳର ଜଣେ ୧୪ ବର୍ଷୀୟ ନାବାଳକ ଦେଢ଼ ବର୍ଷ ହେବ ଏଠାରେ ଥିବା ଏକ କୁକୁଡ଼ା ଦୋକାନରେ କାମ କରୁଥିଲେ। ନାବାଳକ ଜଣଙ୍କ ବିଭିନ୍ନ ସମୟରେ ନିର୍ଯାତନାର ଶିକାର ହେଉଥିବା ନେଇ ଜିଲାପାଳଙ୍କ ସମେତ ଶିଶୁ ସୁରକ୍ଷା ୟୁନିଟ୍ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତଦନୁଯାୟୀ ସ୍ଥାନୀୟ ପୋଲିସ ଓ ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀମାନେ ନାବାଳକଙ୍କୁ ଉଦ୍ଧାର କରିବା ସହ ଆସିୟାନା କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ରତ୍ନାକର ମଲ୍ଲିକ, ସନ୍ତୋଷ କୁମାର ମହାନ୍ତି, ପ୍ରଦୀପ ପଣ୍ଡା ପ୍ରମୁଖ ଏଥିରେ ସାମିଲ ଥିଲେ।

# ନିଶା ନିବାରଣ କେନ୍ଦ୍ର ପାଇଁ ଚୁକ୍ତିନାମା

**କେନ୍ଦୁଝର, ୧୮।୫(ସ୍ୱ.ପ୍ର./ଡି.ଏନ.ଏ.)**

ଜିଲା ସାମାଜିକ ସୁରକ୍ଷା ଅଫିସ ଓ ବିଶ୍ୱ ଜୀବନ ସେବା ସଂଘ (ଭିଆଇଏସ୍‌ଏସ୍) ଖୋର୍ଦ୍ଧା ମଧ୍ୟରେ ଏକ ୧୫ ଶଯ୍ୟା ବିଶିଷ୍ଟ ନିଶା ନିବାରଣ ଓ ଥଇଥାନ କେନ୍ଦ୍ର ପ୍ରତିଷ୍ଠା ନେଇ ଜିଲାପାଳ ଆଶିଷ ଠାକରେଙ୍କ ଉପସ୍ଥିତିରେ ମିନି କନ୍‌ଫରେନ୍ସ ହଲ୍‌ରେ ଚୁକ୍ତିନାମା (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ସମୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ଖଣିଜ ପ୍ରତିଷ୍ଠାନ ତଥା ଭିଆଇଏସ୍‌ଏସ୍‌ର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲାରେ ଭିନ୍ନକ୍ଷମଙ୍କୁ କ୍ଷମତା ସମ୍ପନ୍ନ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଜିଲାପାଳ କହିବା ସହ ଏହି କେନ୍ଦ୍ର କେନ୍ଦୁଝରବାସୀଙ୍କୁ ବିଶେଷ କରି ମଦ୍ୟପ, ନିଶାସକ୍ତ ରୋଗୀଙ୍କୁ ନିଶାମୁକ୍ତ କରିବାରେ ଉନ୍ନତ ସେବା ଯୋଗାଇ ଦେବ ବୋଲି କହିଥିଲେ। ସମ୍ବେଦନଶୀଳ ନିଶାସକ୍ତ ବ୍ୟକ୍ତି ଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ କେଉଁ ଭଳି ସେବା ଯୋଗାଇ ଦିଆଯାଇପାରିବ ସେ ନେଇ ବ୍ୟବସ୍ଥା ଗ୍ରହଣ କରାଯିବ। ଜିଲା ଖଣିଜ ପ୍ରତିଷ୍ଠାନ ଅନୁଦାନରେ ଏହି କେନ୍ଦ୍ର ପ୍ରତିଷ୍ଠା ହେବ ଏବଂ ମେ' ମାସ ଶେଷ ସପ୍ତାହରୁ ଏହା କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ମିଳିଛି।

# ଜମୁଛି ଉତ୍କଳ ମିନାବଜାର, ବାଣିଜ୍ୟ ମେଳା

**ଧାମନଗର,୧୮।୫(ଡି.ଏନ.ଏ)**



ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ କାଳୀବଜାର ପଡ଼ିଆରେ ମା' ଶକ୍ତିମୟୀ ଯୁବସଂସଦ ସହଯୋଗରେ ଆୟୋଜିତ ସପ୍ତାହବ୍ୟାପୀ ଉତ୍କଳ ମିନାବଜାର ଓ ବାଣିଜ୍ୟ ମେଳା ବେଶ୍ ଜମୁଛି। ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଏହାର ତୃତୀୟ ସନ୍ଧ୍ୟାରେ ସଭା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ମାଟି ହେଉଛି ସଂସ୍କୃତି ପରମ୍ପରାର ମାଟି। ପାଖରେ ଐତିହାସିକ କିମ୍ବଦନ୍ତୀ ସ୍ଥଳୀ ଗୋହିରାଟିକିରି, ଦୋବଲ କାଳୀବଜାର ଭାଇଚାରାର ଅଞ୍ଚଳ। ସବୁ ଧର୍ମର ଲୋକଙ୍କ ସହଯୋଗ ରହିଆସିଛି ଓ ରହିବ। ଶକ୍ତିମୟୀ ଯୁବସଂସଦ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରଶଂସନୀୟ ବୋଲି ଉଦଘାଟନୀ ଉତ୍ସବରେ ସ୍ୱରାଜବାର୍ତ୍ତାର ସମ୍ପାଦକ ରବିନାରାୟଣ ଖିଲାର ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଅନୁପ ବେହେରା, ପଣ୍ଡିତ ନକୁଳଦେ ଶାସ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ସଭିଙ୍କ ମୁହଁରେ ହସ ଫୁଟାଇବା ଏହି ମେଳାର ମୂଳ ଲକ୍ଷ୍ୟ। ଯଦିଓ କିଣାବିକା ମଧ୍ୟ ଏହାର ଅନ୍ୟତମ ଉଦ୍ଦେଶ୍ୟ ବୋଲି ଦ୍ୱିତୀୟ ଦିବସରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ରଣଜିତ ମହାନ୍ତିଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାକୁ ମୁଖ୍ୟଅତିଥି ଭାବେ ଧାମନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କୃତ୍ତିବାସ ତ୍ରିପାଠୀ, ଖବରଦାତା ପ୍ରଦୀପ ମହାପାତ୍ର, ଅଧ୍ୟାପିକା ଆଦ୍ୟରଶ୍ମି ମିଶ୍ର, ସାମାଜିକ କର୍ମୀ ରବୀନ୍ଦ୍ରନାଥ କର, ପ୍ରଭାତ ଦାସ, ପାର୍ଥସାରଥୀ ସ ପ୍ରମୁଖ ଯୋଗ ଦେଇଥିଲେ।

# ମୃତକଙ୍କ ପରିବାରକୁ ସହାୟତା

**ବୈଶିଙ୍ଗା,୧୮।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆ ଗ୍ରାମର ପଞ୍ଚାନନ ମଲ୍ଲିଆଳ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ଅସହାୟ ପରିବାରକୁ ବୁଧବାର ସହଯୋଗର ହାତ ବଢାଇଛି ପ୍ରୋଗ୍ରେସିଭ କ୍ଲବ। ସେ ଏକ ଘରୋଇ କମ୍ପାନୀରେ ସୁପରଭାଇଜର୍ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ଏକ ମାତ୍ର ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ପୁଅ ଖୁବ କଷ୍ଟରେ ଜୀବିକା ନିର୍ବାହ କରୁଥିଲେ। ବୁଧବାର ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଦିବସ ପାଳନ ଅବସରରେ ପ୍ରୋଗ୍ରେସିଭ କ୍ଲବ ପକ୍ଷରୁ ମୃତକଙ୍କ ପରିବାରକୁ ପାଞ୍ଚ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

# ଭୋଗରାଇ ଉତ୍ସବ ଉଦଯାପିତ

**ଭୋଗରାଇ, ୧୮।୫ (ଡ଼ି. ଏନ. ଏ. )**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ହେଲିପ୍ୟାଡ ପଡିଆରେ ୧୦ ଦିନ ଧରି ଚାଲିଆସୁଥିବା ଭୋଗରାଇ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବ କମିଟି ସମ୍ପାଦକ ପଙ୍କଜାକ୍ଷ ପଣ୍ଡାଙ୍କ ପୌରୋହିତ୍ୟରେ ଅବସର ପ୍ରାପ୍ତ ଶିକ୍ଷକ ପରିମଳ ମହାନ୍ତି ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ରେବତୀ ସାହିତ୍ୟ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା, ମୁଖ୍ୟବକ୍ତା ଭାବେ ଆରଆଇଏଚଏସ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ସରପଞ୍ଚ ମମତା ସାହୁ, ମଞ୍ଜୁରାଣୀ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ଯୁବଉଦ୍ୟୋଗୀ ଗୌରହରି ମହାନ୍ତି ଏବଂ ଯୁବ ଗବେଷକ ଜଗଦୀପ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୋଖରୀରୁ କୁମ୍ଭୀର ଉଦ୍ଧାର

**ଭଦ୍ରକ ଅଫିସ, ୧୮।୫**



ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତ ଷଠିବାଟି ଗ୍ରାମର ଏକ ପୋଖରୀରୁ ୪ ଫୁଟ୍‌ର କୁମ୍ଭୀର ବୁଧବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। କୁମ୍ଭୀରଟି ସୟା ରାସ୍ତାରେ ଆସି ପୋଖରୀରେ ପଶିଯିବାର ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଜଣାଇଥିଲେ। ଚାନ୍ଦବାଲି ରେଞ୍ଜର ସୁବାସ ନାୟକ, ଫରେଷ୍ଟର କୃଷ୍ଣଚନ୍ଦ୍ର ବାସ୍କେ, ଫରେଷ୍ଟଗାର୍ଡ ନକୁଳ ବାରିକ, ପ୍ରଦୀପ ନାୟକ, ତହସିଲଦାର ପ୍ରତୀକ କୁମାର ସାହୁ, ପୋଲିସ, ସରପଞ୍ଚଙ୍କ ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀ ୪ଟି ପମ୍ପସେଟ୍ ଦ୍ୱାରା ପୋଖରୀକୁ ଶୁଖାଇବା ପରେ କୁମ୍ଭୀର ଉଦ୍ଧାର କରାଯାଇଥିଲା।

# ସରିଲା ମା' କାଳିକାଙ୍କ ବାର୍ଷିକ ଉତ୍ସବ

**ବାହାନଗା,୧୮।୫(ଡି.ଏନ.ଏ.)**

ବାହାନଗା ବ୍ଲକ ଦାଣ୍ଡହରିପୁର ପଞ୍ଚାୟତ ଅସିମୁଳା ଗ୍ରାମର ମା' କାଳିକାଙ୍କ ବାର୍ଷିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ଏହି ପୂଜା ଉପଲକ୍ଷେ ଗ୍ରାମର ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା କରାଯିବା ସହିତ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମାଙ୍କ ପୂଜାରେ ଯଜ୍ଞ ଅନୁଷ୍ଠିତ ହେବା ସହିତ ପୂର୍ଣ୍ଣାହୂତି ପ୍ରଦାନ କରାଯାଇଥିଲା। ପୂଜାରେ କର୍ତ୍ତା ଓ କର୍ତ୍ତୀ ଭାବେ ବନଜବାଳା ଉପାଧ୍ୟାୟ ଓ ରାମଚନ୍ଦ୍ର ଉପାଧ୍ୟାୟ କାର୍ଯ୍ୟ ତୁଲାଇଥିଲେ। ମା'ଙ୍କ ପୂଜକ ଭାବେ କମଳାକାନ୍ତ ପଣ୍ଡା ସହଯୋଗ କରିଥିବା ବେଳେ ଦେବାଶିଷ ପଣ୍ଡା ଓ କେଶବ ପଣ୍ଡା ପୂଜାରେ ମୁଖ୍ୟ ପରିଚାଳନା କରିଥିଲେ। ସ୍ଥାନୀୟ ସତ୍ୟବାଦୀ ଯୁବକ ସଂଘର କର୍ମକର୍ତ୍ତାମାନେ ପୂଜାରେ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ୧୮ ନମ୍ବର ଜୋନର ଜିଲାପରିଷଦ ସଦସ୍ୟ ନିଳାମ୍ବର ମହାଳିକ, ସରପଞ୍ଚ ମନିକା ପରିଡା, ସମିତିସଭ୍ୟା ସାଇସ୍ମିତା ନାୟକ ୧୯ ନମ୍ବର ଜୋନର ଜିଲାପରିଷଦ ସଭ୍ୟା ବିନପ୍ରଭା ଶିଅଳ, ବ୍ଲକ ଉପାଧ୍ୟକ୍ଷା ବାସନ୍ତୀ ପତି, ମଧୁସୂଦନ ପଣ୍ଡା, ରବୀନ୍ଦ୍ର ଧାମୁଡିଆ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ସଭାପତିତ୍ୱ କରିଥିଲେ ସତ୍ୟବାଦୀ ଯୁବକ ସଂଘର ସଭାପତି ବଂଶୀଧର ଉପାଧ୍ୟାୟ। ଶ୍ରୀଧର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ରେମାଳ ବାଲିଘାଟ ପାଇଁ ସର୍ବସାଧାରଣ ଶୁଣାଣି

**ଘସିପୁରା/ଆନନ୍ଦପୁର, ୧୮।୫ (ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ବ୍ଲକ ବାଲିପାଳ ହାଟ ପରିସରରେ ରେମାଳ ନଦୀର କାଠପାଳ ଓ ଦରଡିପାଳ ବାଲିଘାଟ ପାଇଁ ସର୍ବସାଧାରଣ ଶୁଣାଣି କାର୍ଯ୍ୟକ୍ରମ ବୁଧବାର କଡ଼ା ସୁରକ୍ଷାବଳୟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆହ୍ୱାନ କରାଯାଇଥିବା ଏହି ସର୍ବସାଧାରଣ କାର୍ଯ୍ୟକ୍ରମରେ ପ୍ରଦୂଷଣ ବୋର୍ଡର କେନ୍ଦୁଝର ଜିଲା ଆରଓ ପୁଷ୍ପକ କୁମାର ବେହେରା, ଆଇଟିଏ ବିଜନ କୁମାର ଥମ୍ପୋ, ସହକାରୀ ଯନ୍ତ୍ରୀ ପ୍ରଦୂଷଣ ବୋର୍ଡ ଇଂ ନିବେଦିତା ଦାସ ବେବର୍ତ୍ତା ଉପସ୍ଥିତ ରହି ଲୋକଙ୍କ ଠାରୁ ବାଲି ସଇରାତ ସମ୍ପର୍କିତ ଅଭିଯୋଗ ଶୁଣିଥିଲେ। ଏହି ଅବସରରେ ସ୍ଥାନୀୟ ବାସୀନ୍ଦା ପ୍ରକାଶ କୁମାର ନାୟକ, ସ୍ମୃତି ରଞ୍ଜନ ବିହାରୀ, ଗୋବର୍ଦ୍ଧନ ସା ପ୍ରମୁଖ ବାଲି ଘାଟକୁ ନେଇ ନିଜ ନିଜର ମତ ରଖିଥିଲେ। ଲୋକଙ୍କ ମତକୁ ଗୁରୁତ୍ୱ ଦିଆଯାଇ ବାଲି ସଇରାତ ନିଲାମ ନେଇଥିବା ବ୍ୟକ୍ତିଙ୍କୁ ପରିବେଶ ମଞ୍ଜୁରୀ ପ୍ରମାଣପତ୍ର ମିଳିବା ପରେ ସ୍ୱାଭାବିକ ଭାବେ ବାଲି ଉତ୍ତୋଳନ କରିବାକୁ ପରାମର୍ଶ ଦିଆଯାଇଥିଲା। ସୂଚନାଯୋଗ୍ୟ, ଘସିପୁରା ତହସିଲ ଅଧୀନ ରେମାଳ ନଦୀର କାଠପାଳ ଓ ଦରଡିପାଳ ମୌଜାର ୫.୦୬ ହେକ୍ଟର ଅଞ୍ଚଳ ବାଲି ଉତ୍ତୋଳନ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାବେଳେ ବାଲି ଉତ୍ତୋଳନକୁ ସ୍ୱାଭାବିକ କରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ହୋଇଥିବା ସର୍ବସାଧାରଣ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡିଛି।

# ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ



ରାମପୁର ଗ୍ରାମରେ ନିର୍ମାଣାଧୀନ କଂକ୍ରିଟ ରାସ୍ତା।

**ଚାନ୍ଦବାଲି, ୧୮।୫(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ନାଲଗୁଣ୍ଡା ପଞ୍ଚାୟତ ରାମପୁର ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ବିଡିଓ, ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦୁଇଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏହି ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ ହେଉଛି। ହେଲେ ରାସ୍ତାକାମ ଠିକ୍ ଭାବେ କରାଯାଉ ନାହିଁ ବୋଲି ଗ୍ରାମର ଭାଗୀରଥି ଦାସ, ପଚି ଦାସ, ସଦାଶିବ ଦାସ, ଗୌରହରି ଦାସ, କାର୍ତ୍ତିକ ମହାପାତ୍ର, ରବିନାରାୟଣ ଦାସ, ରବୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ କନିଷ୍ଠ ଯନ୍ତ୍ରୀ ଧନଞ୍ଜୟ ମହାପାତ୍ର କହିଛନ୍ତି, କାର୍ଯ୍ୟାଦେଶ ଅନୁସାରେ କାମ ହେଉଛି। ଅଭିଯୋଗର ସତ୍ୟତା ଥିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# 'ଗଣମାଧ୍ୟମ ପ୍ରତିନିଧି ନାରଦଙ୍କ ମାର୍ଗ ଅନୁସରଣ କରନ୍ତୁ'

**ବାଲେଶ୍ୱର ଅଫିସ,୧୮।୫**

ବିଶ୍ୱ ସମ୍ବାଦ କେନ୍ଦ୍ର ବାଲେଶ୍ୱର ଶାଖା ପକ୍ଷରୁ ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ବିଶ୍ୱର ଆଦ୍ୟ ଖବରଦାତା ଦେବର୍ଷି ନାରଦ ମୁନିଙ୍କ ପବିତ୍ର ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚାନ୍ଦିପୁର ଆଇଟିଆରର ପୂର୍ବତନ ଗ୍ରୁପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ 'ସାଂସ୍କୃତିକ ଜାଗରଣ' ପତ୍ରିକାର ସମ୍ପାଦକ ତଥା 'ହିନ୍ଦୁସ୍ତାନ ସମାଚାର'ର ପୂର୍ବତନ ବ୍ୟୁରୋ ଚିଫ ରବିନାରାୟଣ ପଣ୍ଡା ଯୋଗ ଦେଇ ବିଶ୍ୱର କଲ୍ୟାଣ ପାଇଁ ନାରଦଙ୍କର ଯେଉଁଭଳି ଭୂମିକା ରହିଥିଲା ଆଜିର ଗଣମାଧ୍ୟମ ପ୍ରତିନିଧିମାନେ ସେହି ମାର୍ଗ ଅନୁସରଣ କରିବା ଜରୁରୀ ବୋଲି କହିଥିଲେ।





ନାରଦ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି।

ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ରଞ୍ଜନ କୁମାର ବାଗ ଯୋଗଦେଇ ଦେବର୍ଷି ନାରଦ ଓ ବର୍ତ୍ତମାନ ସମୟର ସମ୍ବାଦପତ୍ର ଓ ସାମ୍ବାଦିକତା ଉପରେ ବକ୍ତବ୍ୟ ରଖିଥିଲେ। ବାଲେଶ୍ୱର ଶାଖାର ଆବାହକ ଖବରଦାତା ମନୋଜ କୁମାର ରାଉଳ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲାର ୬ଜଣ ଖବରଦାତା ଓ ସ୍ତମ୍ଭକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସ୍ତମ୍ଭକାର ଭାବେ ଉପେନ୍ଦ୍ର ବିଶ୍ୱାଳ, ବରିଷ୍ଠ ଖବରଦାତା ଗଙ୍ଗାଧର ରାଉତ ଓ ଦେବବ୍ରତ ପାଣିଗ୍ରାହୀ, ମୁଦ୍ରିତ ଗଣମାଧ୍ୟମରୁ ଖବରଦାତା ରତିକାନ୍ତ ପାତ୍ର, ବୈଦ୍ୟୁତିକ ଗଣମାଧ୍ୟମରୁ ଆଶୁତୋଷ ମଲ୍ଲିକ, ୱେବ ଗଣମାଧ୍ୟମରୁ ବିନାୟକ ମହାପାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

